# କିଏ, କ'ଣ, କିପରି ଏବଂ କାହିଁକି ?

## କାହାକୁ ନିଶାସକ୍ତ କୁହାଯାଏ ?

ଆମ ଭିତରୁ ଅଧିକାଂଶଙ୍କୁ ଏହି ପ୍ରଶ୍ନ ବିଷୟରେ ଦ୍ୱିତୀୟ ଥର ଭାବିବା ଦରକାର ନାହିଁ । ଆମେ ଜାଣୁ ! ଆମର ସାରା ଜୀବନ ଏବଂ ଚିନ୍ତା କୌଣସି ନା କୌଣସି ରୂପରେ ମାଦକଦ୍ରବ୍ୟ ଉପରେ କେନ୍ଦ୍ରୀଭୂତ ଥିଲା – ପାଇବା ଓ ବ୍ୟବହାର କରିବା ଏବଂ ଅଧିକ ପାଇବା ପାଇଁ ରାସ୍ତା ଓ ଉପାୟ ଖୋଜିବା । ଆମେ ବଞ୍ଚିବା ପାଇଁ ମାଦକଦ୍ରବ୍ୟ ବ୍ୟବହାର କରୁଥିଲୁ ଓ ଏହା ବ୍ୟବହାର କରିବା ପାଇଁ ବଞ୍ଚୁଥିଲୁ । ସରଳ ଭାଷାରେ କହିଲେ, ଜଣେ ପୁରୁଷ ବା ନାରୀ ଯାହାର ଜୀବନ ମାଦକଦ୍ରବ୍ୟ ଦ୍ୱାରା ନିୟନ୍ତ୍ରିତ ସେ ହିଁ ନିଶାସକ୍ତ । ଆମେମାନେ ଗୋଟିଏ ନିରବଚ୍ଛିନ୍ନ ଏବଂ ବଢ଼ିଚାଲୁଥିବା ରୋଗରେ କବଳିତ ଯାହାର ଶେଷ ପରିଣତି ସବୁବେଳେ ସମାନ: ଜେଲ୍, ଅନୁଷ୍ଠାନ ଏବଂ ମୃତ୍ୟୁ ।

## ନାର୍କୋଟିକ୍ସ ଆନୋନିମସ୍ କାର୍ଯ୍ୟକ୍ରମ କ'ଣ ?

ଏନ୍.ଏ. ପୁରୁଷ ଏବଂ ନାରୀମାନଙ୍କର ଏକ ଲାଭବିହୀନ ସମାଗମ ବା ସମାଜ ଯେଉଁମାନଙ୍କ ପାଇଁ ମାଦକଦ୍ରବ୍ୟ ଏକ ମୁଖ୍ୟ ସମସ୍ୟା ହୋଇଯାଇଥିଲା । ଆମେମାନେ ସୁଧାର ପଥରେ ଥିବା ନିଶାସକ୍ତ ବ୍ୟକ୍ତି, ଯେଉଁମାନେ ନିଶାମୁକ୍ତ ହୋଇ ରହିବାରେ ପରସ୍ପରକୁ ସାହାଯ୍ୟ କରିବାକୁ ନିୟମିତ ମିଳିତ ହେଉ । ଏହା ସମସ୍ତ ପ୍ରକାରର ମାଦକଦ୍ରବ୍ୟଠାରୁ ନିବୃତ୍ତ ରହିବାର ଏକ କାର୍ଯ୍ୟକ୍ରମ । ସଦସ୍ୟତା ପାଇଁ କେବଳ ଏକ ମାତ୍ର ଆବଶ୍ୟକତା ହେଲା, ମାଦକଦ୍ରବ୍ୟ ବ୍ୟବହାର ବନ୍ଦ କରିବାକୁ ଇଚ୍ଛା । ଆମେ ପ୍ରସ୍ତାବ ଦେଉ ଯେ ଆପଣ ମନକୁ ଖୋଲା ରଖନ୍ତୁ ଏବଂ ନିଜକୁ ଏକ ସୁଯୋଗ ଦିଅନ୍ତୁ । ଆମ କାର୍ଯ୍ୟକ୍ରମଟି ଅତି ସରଳ ଭାବରେ ଲେଖା ହୋଇଥିବା କେତୋଟି ମୂଳତତ୍ତ୍ୱର ସମାହାର ଯାହାକୁ ଆମେ ଆମର ଦୈନନ୍ଦିନ ଜୀବନରେ ଅନୁସରଣ କରିପାରିବା । ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେ ସେଗୁଡ଼ିକ କାମ କରେ ।

ଏନ୍.ଏ. ସହିତ କୌଣସି ସର୍ତ୍ତ ଜଡ଼ିତ ନୁହେଁ । ଆମେ ଅନ୍ୟ କୌଣସି ସଂସ୍ଥା ସହିତ ଜଡ଼ିତ ନାହୁଁ, ଆମର କୌଣସି ପ୍ରାରମ୍ଭିକ ଚାନ୍ଦା ବା ଦେୟ ନାହିଁ, କୌଣସି ଶପଥପାଠରେ ଦସ୍ତଖତ କରିବାକୁ ପଡ଼େ ନାହିଁ, କାହାକୁ କୌଣସି ପ୍ରତିଶ୍ରୁତି ଦେବାକୁ ପଡ଼େ ନାହିଁ । ଆମେ କୌଣସି ରାଜନୈତିକ, ଧାର୍ମିକ କିମ୍ବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନଙ୍କ ସହିତ ଜଡ଼ିତ ନାହୁଁ, ଏବଂ କୌଣସି ସମୟରେ କାହାର ସତର୍କ ନଜରରେ ନାହୁଁ । ବୟସ, ସମ୍ପ୍ରଦାୟ, ଯୌନ ପରିଚୟ, ଧାର୍ମିକ ବିଶ୍ୱାସ, ଧର୍ମ କିମ୍ବା ଧର୍ମବିହୀନ, ନିର୍ବିଶେଷରେ ଯେକୌଣସି ବ୍ୟକ୍ତି ଆମ ସହିତ ଯୋଗ ଦେଇପାରିବ ।

ଆପଣ କେଉଁ ମାଦକଦ୍ରବ୍ୟ କିମ୍ବା କେତେ ପରିମାଣରେ ବ୍ୟବହାର କରୁଥିଲେ କିମ୍ବା ଆପଣଙ୍କୁ କିଏ ଯୋଗାଉଥିଲେ, ଅତୀତରେ ଆପଣ କଣ କରିଛନ୍ତି, ଆପଣଙ୍କର କେତେ ଅଧିକ କିମ୍ବା କେତେ କମ୍ ଅଛି ସେସବୁ ବିଷୟରେ ଜାଣିବା ପାଇଁ ଆମେ ଆଗ୍ରହୀ ନୁହେଁ, କିନ୍ତୁ ଆପଣଙ୍କ ସମସ୍ୟା ବିଷୟରେ ଆପଣ କଣ କରିବାକୁ ଚାହୁଁଛନ୍ତି ଏବଂ ଆମେ କିପରି ସାହାଯ୍ୟ କରିପାରିବୁ କେବଳ ସେ ବିଷୟରେ ଆଗ୍ରହୀ । ନବାଗତ ସଦସ୍ୟ ଯେ କୌଣସି ସଭାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ହୋଇଥାନ୍ତି, କାରଣ ଆମ ପାଖରେ ଯାହା ଅଛି ତାହା କେବଳ ଦେବା ଦ୍ୱାରା ହିଁ ଆମେ ନିଜ ପାଖରେ ରଖିପାରିବୁ । ଆମ ଗୋଷ୍ଠୀଗତ ଅନୁଭୂତିରୁ ଆମେ ଶିଖିଛୁ ଯେ ଯେଉଁମାନେ ଆମର ସଭାକୁ ନିୟମିତ ଆସନ୍ତି ସେମାନେ ନିଶାମୁକ୍ତ ରହନ୍ତି ।

## ଆମେ ଏଠି କାହିଁକି ଅଛୁ ?

ଏନ୍.ଏ.ର ସମାଗମକୁ ଆସିବା ପୂର୍ବରୁ, ଆମ୍ଭେମାନେ ଆମ ନିଜ ଜୀବନକୁ ଚଳାଇପାରୁ ନଥିଲୁ । ଆମେ ଅନ୍ୟ ଲୋକଙ୍କ ପରି ବଞ୍ଚିପାରୁ ନଥିଲୁ ଏବଂ ଜୀବନକୁ ଉପଭୋଗ କରିପାରୁ ନଥିଲୁ । ଆମକୁ କିଛି ଭିନ୍ନତାର ଆବଶ୍ୟକତା ଥିଲା ଏବଂ ଆମେ ଭାବିନେଲୁ ଯେ ଆମେ ମାଦକଦ୍ରବ୍ୟରେ ତାହା ପାଇଗଲୁ । ଆମର ପରିବାର, ଆମର ସ୍ତ୍ରୀ, ସ୍ୱାମୀ ଏବଂ ଆମର ସନ୍ତାନମାନଙ୍କର କଲ୍ୟାଣଠାରୁ ଆମେ ମାଦକଦ୍ରବ୍ୟର ବ୍ୟବହାରକୁ ପ୍ରାଧାନ୍ୟ ଦେଇଥିଲୁ । ଯେକୌଣସି ମୂଲ୍ୟରେ ବି ଆମକୁ ମାଦକଦ୍ରବ୍ୟ ଦରକାର ଥିଲା । ଆମେ ଅନେକ ଲୋକଙ୍କର ବହୁତ କ୍ଷତି କଲୁ, କିନ୍ତୁ ସବୁଠୁ ଅଧିକ କ୍ଷତି ନିଜର କଲୁ । ଆମର ବ୍ୟକ୍ତିଗତ ଦାୟିତ୍ୱକୁ ଗ୍ରହଣ କରିବାର ଅପାରଗତା ଯୋଗୁଁ ଆମେ ବାସ୍ତବରେ ଆମ ନିଜର ସମସ୍ୟା ସୃଷ୍ଟି କରୁଥିଲୁ । ଆମକୁ ଲାଗୁଥିଲା କି ଜୀବନକୁ ତା ନିଜ ଅନୁସାରେ ସାମ୍ନା କରିବାକୁ ଆମେ ଅସମର୍ଥ ଥିଲୁ ।

ଆମ ଭିତରୁ ଅଧିକାଂଶ ହୃଦୟଙ୍ଗମ କଲୁ ଯେ ଆମର ଆସକ୍ତିରେ ଆମେମାନେ ଧୀରେ ଧୀରେ ଆତ୍ମହତ୍ୟା କରୁଥିଲୁ, କିନ୍ତୁ ଆସକ୍ତି ଜୀବନର ଏପରି ଏକ ଚତୁର ଶତ୍ରୁ ଯେ ଏହା ବିଷୟରେ କିଛି କରିବାର ଶକ୍ତି ଆମେ ହରାଇ ଦେଇଥିଲୁ । ଆମ ଭିତରୁ ବହୁତ ଜଣ ଜେଲ ଗଲେ, କିମ୍ବା ଔଷଧ, ଧର୍ମ ଏବଂ ମାନସିକ ଚିକିତ୍ସା ମାଧ୍ୟମରେ ସାହାଯ୍ୟ ଲୋଡ଼ିଲେ । ଏଥିରୁ କୌଣସି ପନ୍ଥା ଆମ ପାଇଁ ପର୍ଯ୍ୟାପ୍ତ ହେଉ ନ ଥିଲା । ହତାଶ ହୋଇ ନାର୍କୋଟିକ୍ସ ଆନୋନିମସରେ ଆମେ ପରସ୍ପରଠାରୁ ସାହାଯ୍ୟ ନ ଲୋଡ଼ିବା ପର୍ଯ୍ୟନ୍ତ ଆମର ରୋଗ ସବୁବେଳେ ପୁନଃପ୍ରକାଶ ପାଉଥିଲା କିମ୍ବା ବଢ଼ି ଚାଲୁଥିଲା ।

ଏନ୍.ଏ.କୁ ଆସିବା ପରେ ଆମେ ହୃଦୟଙ୍ଗମ କଲୁ ଯେ ଆମେମାନେ ଅସୁସ୍ଥ ଥିଲୁ । ଆମେ ଏପରି ଏକ ରୋଗରେ ପୀଡ଼ିତ ଥିଲୁ ଯାହାର କୌଣସି ଜଣାଶୁଣା ଚିକିତ୍ସା ନାହିଁ । ଅବଶ୍ୟ, ଏହାକୁ କୌଣସି ମୁହୂର୍ତ୍ତରେ ରୋକାଯାଇପାରେ ଏବଂ ତା'ପରେ ସୁଧାର ସମ୍ଭବ ହୋଇଥାଏ ।

## ଏହା କିପରି କାମ କରେ

ଯଦି ଆମେ ଯାହା ଦେଇପାରିବୁ ଆପଣ ତାହା ଚାହୁଁଛନ୍ତି, ଏବଂ ତା'କୁ ପାଇବା ପାଇଁ କିଛି ଉଦ୍ୟମ କରିବାକୁ ଇଚ୍ଛୁକ ଅଛନ୍ତି, ତା'ହେଲେ ଆପଣ କେତେଗୁଡ଼ିଏ ନିର୍ଦ୍ଧିଷ୍ଟ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି । ଏଗୁଡ଼ିକ ସେହି ନୀତି ଯାହା ଆମର ସୁଧାରକୁ ସମ୍ଭବ କଲା ।

୧. ଆମେ ମାନିନେଲୁ ଯେ ଆମର ଆସକ୍ତି ଆଗରେ ଆମେ ଶକ୍ତିହୀନ ଥିଲୁ, ସେଥିପାଇଁ ଆମ ଜୀବନ ଅଣାୟତ ହୋଇ ଚାଲିଥିଲା ।

୨. ଆମେ ବିଶ୍ୱାସ କରିବାକୁ ଲାଗିଲୁ ଯେ ଆମଠାରୁ ବଡ଼ ଆଉ ଏକ ଶକ୍ତି ଆମର ପ୍ରକୃତିସ୍ଥ ଅବସ୍ଥାକୁ ପୁନଃସ୍ଥାପନ କରିପାରିବ ।

୩. ଆମେ ବୁଝି ପାରିଥିବା ଈଶ୍ୱରଙ୍କ ଯତ୍ନରେ ଆମର ଇଚ୍ଛା ଏବଂ ଜୀବନକୁ ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଲୁ ।

୪. ଆମେ ନିଜର ଅନ୍ୱେଷଣ କରିବା ସହ ନିର୍ଭୀକଭାବେ ନୈତିକତାର ଏକ ତାଲିକା ପ୍ରସ୍ତୁତ କଲୁ ।

୫. ଆମେ ଈଶ୍ୱରଙ୍କ ନିକଟରେ, ନିଜ ପାଖରେ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖରେ ଆମ ଭୁଲ୍‌ର ସଠିକ୍ ରୂପକୁ ମାନିନେଲୁ ।

୬. ଈଶ୍ୱର ଆମର ଏହିସବୁ ଚରିତ୍ରିକ ତ୍ରୁଟି ଦୂର କରିବେ ବୋଲି ଆମେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେଲୁ ।

୭. ଆମେ ଆମର ଦୋଷତ୍ରୁଟି ଗୁଡ଼ିକ ଦୂର କରିବା ପାଇଁ ନମ୍ରତାର ସହ ତାଙ୍କୁ ନିବେଦନ କଲୁ ।

୮. ଆମେ କ୍ଷତି କରିଥିବା ସମସ୍ତ ବ୍ୟକ୍ତିଙ୍କର ଏକ ତାଲିକା କଲୁ ଏବଂ ସେ ସମସ୍ତଙ୍କ ପାଖରେ ପ୍ରାୟଶ୍ଚିତ କରିବାକୁ ଇଚ୍ଛୁକ ହେଲୁ ।

୯. ଯେଉଁ ବ୍ୟକ୍ତିମାନଙ୍କ ପାଖରେ ସମ୍ଭବ ଆମେ ସିଧାସଳଖ ପ୍ରାୟଶ୍ଚିତ କଲୁ, ଏହା କରିବା ଦ୍ୱାରା ଯଦି ସେହି ଲୋକଙ୍କୁ ବା ଅନ୍ୟମାନଙ୍କୁ ଆଘାତ ହୋଇପାରେ ତାହାକୁ ବାଦ୍ ଦେଲୁ ।

୧୦. ଆମେ ବ୍ୟକ୍ତିଗତ କାର୍ଯ୍ୟକଳାପର ତାଲିକା କରିବା ଜାରି ରଖିଲୁ ଏବଂ ଯେଉଁଠି ଆମେ ଭୁଲ୍ ତାହା ତୁରନ୍ତ ମାନି ନେଲୁ ।

୧୧. ପ୍ରାର୍ଥନା ଏବଂ ଧ୍ୟାନ ମାଧ୍ୟମରେ ଆମେ ବୁଝିପାରିଥିବା ଈଶ୍ୱରଙ୍କ ସହିତ ଆମର ସଚେତ ସମ୍ପର୍କ ଉନ୍ନତ କରିବାକୁ ଚାହିଁଲୁ, ତାଙ୍କର ଆମ ପାଇଁ କେବଳ ସଦିଚ୍ଛାର ଅବଗତି ଏବଂ ତାକୁ କାର୍ଯ୍ୟକାରୀ କରିବାର ଶକ୍ତି ପାଇଁ ପ୍ରାର୍ଥନା କଲୁ ।

୧୨. ଏହି ପଦକ୍ଷେପଗୁଡ଼ିକର ଫଳସ୍ୱରୂପ ଆମ ଭିତରେ ଏକ ଆଧ୍ୟାତ୍ମିକ ଜାଗରଣ ହେଲା । ଆମେ ନିଶାସକ୍ତମାନଙ୍କୁ ଏହି ବାର୍ତ୍ତା ପହଞ୍ଚାଇବାକୁ ଚେଷ୍ଟା କଲୁ ଏବଂ ଆମର ସବୁ କ୍ଷେତ୍ରରେ ଏହି ମୂଳତତ୍ତ୍ୱ ଗୁଡ଼ିକୁ ଅଭ୍ୟାସ କରିବାକୁ ଚେଷ୍ଟା କଲୁ ।

ଶୁଣିବାକୁ ଏହା ଏକ ବଡ଼ ନିର୍ଦ୍ଦେଶ ଭଳି ଲାଗୁଛି ଏବଂ ଏଗୁଡ଼ିକ ଆମେ ଏକାଥରକେ କରିପାରିବା ନାହିଁ । ଆମେ ଗୋଟିଏ ଦିନରେ ନିଶାସକ୍ତ ହୋଇନଥିଲୁ, ତେଣୁ ମନେରଖନ୍ତୁ – ଧୀର ପାଣି ପଥର କାଟେ ।

ଏକ ମନୋଭାବ ଯାହା ଅନ୍ୟସବୁଠାରୁ ଅଧିକ ଆମକୁ ଆମ ସୁଧାରରେ ବିଫଳ କରେ; ତାହା ହେଉଛି ଆଧ୍ୟାତ୍ମିକ ସିଦ୍ଧାନ୍ତ ପ୍ରତି ଅନାଗ୍ରହ କିମ୍ବା ଅସହିଷ୍ଣୁ ମନୋବୃତ୍ତି । ଏଗୁଡ଼ିକ ମଧ୍ୟରୁ ତିନୋଟି ଅପରିହାର୍ଯ୍ୟ ସିଦ୍ଧାନ୍ତ ହେଉଛି ସାଧୁତା, ଖୋଲା ମନୋଭାବ ଏବଂ ଆଗ୍ରହ । ଏଗୁଡ଼ିକ ସହିତ ଆମେ ସଠିକ୍ ମାର୍ଗରେ ରହିବା ।

ଆମେ ଅନୁଭବ କରୁ ଯେ ଆସକ୍ତି ରୋଗ ପ୍ରତି ଆମର ପନ୍ଥା ସମ୍ପୂର୍ଣ୍ଣ ଭାବରେ ବାସ୍ତବବାଦୀ, ଯେହେତୁ ଜଣେ ନିଶାସକ୍ତ ଆଉ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାର ଯେଉଁ ଚିକିତ୍ସାଗତ ମୂଲ୍ୟ ରହିଛି ତାହାର କୌଣସି ତୁଳନା ନାହିଁ । ଆମେ ଅନୁଭବ କରୁ ଯେ ଆମ ବାଟ କାର୍ଯ୍ୟୋପଯୋଗୀ, କାରଣ ଜଣେ ନିଶାସକ୍ତ ଅନ୍ୟ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ଭଲ ଭାବରେ ବୁଝିପାରେ ଏବଂ ସାହାଯ୍ୟ କରିପାରେ । ଆମେ ବିଶ୍ୱାସ କରୁ ଯେ ଯେତେ ଶୀଘ୍ର ଆମେ ସମାଜ ଭିତରେ, ଦୈନନ୍ଦିନ ଜୀବନରେ ଆମର ସମସ୍ୟାଗୁଡ଼ିକୁ ସାମ୍ନା କରିବୁ, ସେତେ ଶୀଘ୍ର ଆମେ ସେହି ସମାଜର ଗ୍ରହଣୀୟ, ଦାୟିତ୍ୱବାନ ଏବଂ କାର୍ଯ୍ୟକ୍ଷମ ସଦସ୍ୟ ହୋଇପାରିବୁ ।

ସକ୍ରିୟ ଆସକ୍ତିକୁ ଫେରି ନଯିବା ପାଇଁ କେବଳ ଏକମାତ୍ର ପନ୍ଥା ହେଲା ଥରେବି ମାଦକଦ୍ରବ୍ୟ ନ ନେବା । ଯଦି ଆପଣ ଆମ ପରି ହୋଇଥାନ୍ତି ଆପଣ ଜାଣିଥିବେ ଯେ ଥରେ ବି ବହୁତ ଏବଂ ହଜାର ଥର ବି ଯଥେଷ୍ଟ ନୁହେଁ । ଆମେ ଏହାରି ଉପରେ ଅଧିକ ଗୁରୁତ୍ୱ ଦେଉ, କାରଣ ଆମେ ଜାଣୁ ଯେ ଯେତେବେଳେ ଆମେ କୌଣସି ପ୍ରକାରର ମାଦକଦ୍ରବ୍ୟ ବ୍ୟବହାର କରୁ, କିମ୍ବା ଗୋଟିଏ ବଦଳରେ ଅନ୍ୟଗୋଟେ ମାଦକଦ୍ରବ୍ୟ ବ୍ୟବହାର କରୁ, ଆମର ଆସକ୍ତିକୁ ଆମେ ପୁନର୍ବାର ମୁକ୍ତ କରିଦେଉ ।

ମଦକୁ ଅନ୍ୟ ମାଦକଦ୍ରବ୍ୟଠାରୁ ଅଲଗା ଭାବିବା ବହୁତ ନିଶାସକ୍ତ ବ୍ୟକ୍ତିଙ୍କର ପୁର୍ନବ୍ୟବହାରର କାରଣ ହୋଇଛି । ଆମେ ଏନ୍.ଏ.କୁ ଆସିବା ପୂର୍ବରୁ ଆମ ଭିତରୁ ବହୁତ ଜଣ ମଦକୁ ଭିନ୍ନ ନଜରରେ ଦେଖୁଥିଲେ, କିନ୍ତୁ ଆମେ ଏ ବିଷୟରେ ଦ୍ୱନ୍ଦ୍ୱରେ ରହିବା ଅନୁଚିତ୍ । ମଦ ଗୋଟିଏ ମାଦକ ଦ୍ରବ୍ୟ । ଆମେମାନେ ହେଲୁ ଆସକ୍ତି ରୋଗରେ ଥିବା ବ୍ୟକ୍ତିମାନେ, ଯାହାକୁ ସୁଧାର ପଥରେ ରହିବାକୁ ହେଲେ ସମସ୍ତ ପ୍ରକାରର ମାଦକଦ୍ରବ୍ୟଠାରୁ ନିବୃତ୍ତ ରହିବାକୁ ପଡ଼ିବ ।

## ନାର୍କୋଟିକ୍ସ ଆନୋନିମସର ବାରଟି ପରମ୍ପରା

ଆମ ପାଖରେ ଯାହା ଅଛି କେବଳ ସତର୍କତାର ସହିତ ଆମେ ତାହା ରଖିପାରୁ, ଏବଂ ଯେପରି ବ୍ୟକ୍ତିର ମୁକ୍ତି ବାରଟି ପଦକ୍ଷେପରୁ ଆସିଥାଏ, ଠିକ୍ ସେହିପରି ଗୋଷ୍ଠୀର ମୁକ୍ତି ଆମର ପରମ୍ପରାରୁ ଉତ୍ପତ୍ତି ହୋଇଥାଏ ।

ଯେ ପର୍ଯ୍ୟନ୍ତ ଆମକୁ ବାନ୍ଧି ରଖିଥିବା ବନ୍ଧନ ଆମକୁ ଅଲଗା କରିଦେବା ଶକ୍ତିଠାରୁ ଅଧିକ ଶକ୍ତିଶାଳୀ, ସେ ପର୍ଯ୍ୟନ୍ତ ସବୁକିଛି ଠିକ୍ ଚାଲିବ ।

୧. ଆମର ସାମୂହିକ କଲ୍ୟାଣ ପ୍ରଥମେ ଆସିବା ଦରକାର; ବ୍ୟକ୍ତିଗତ ସୁଧାର ଏନ୍.ଏ.ର ଏକତା ଉପରେ ନିର୍ଭର କରେ ।

୨. ଆମ ଗୋଷ୍ଠୀର ଉଦ୍ଦେଶ୍ୟ ପାଇଁ କେବଳ ଜଣେ ହିଁ ଚରମ ପ୍ରାଧୀକାରୀ ଅଛନ୍ତି – ଏକ ପ୍ରେମମୟ ଈଶ୍ୱର ଯେ କି ଆମର ଗୋଷ୍ଠୀଗତ ବିବେକ ମାଧମରେ ନିଜକୁ ପରିପ୍ରକାଶ କରିଥାନ୍ତି । ଆମର ନେତାମାନେ କେବଳ ବିଶ୍ୱସ୍ତ ସେବକ; ସେମାନେ ଶାସନ କରନ୍ତି ନାହିଁ ।

୩. ସଦସ୍ୟତା ପାଇଁ କେବଳ ଏକମାତ୍ର ଆବଶ୍ୟକତା ହେଲା ମାଦକଦ୍ରବ୍ୟ ବ୍ୟବହାର ବନ୍ଦକରିବାକୁ ଇଚ୍ଛା ।

୪. ଅନ୍ୟ ଗୋଷ୍ଠୀ କିମ୍ବା ସମ୍ପୂର୍ଣ୍ଣ ଏନ୍.ଏ.କୁ ପ୍ରଭାବିତ କରୁଥିବା ବିଷୟବସ୍ତୁକୁ ଛାଡ଼ି ପ୍ରତ୍ୟେକ ଗୋଷ୍ଠୀ ସ୍ୱୟଂଶାସିତ ହେବା ଦରକାର ।

୫. ପ୍ରତ୍ୟେକ ଗୋଷ୍ଠୀର ଏକମାତ୍ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି – ଏବେବି ପୀଡ଼ିତ ଥିବା ନିଶାସକ୍ତ ବ୍ୟକ୍ତିମାନଙ୍କୁ ଏହି ବାର୍ତ୍ତା ପହଞ୍ଚାଇବା ।

୬. କୌଣସି ସମ୍ପର୍କୀୟ ବ୍ୟବସ୍ଥା ବା ବାହ୍ୟ ଉଦ୍ୟୋଗକୁ ଏକ ଏନ୍.ଏ. ଗୋଷ୍ଠୀ କଦାପି ସମର୍ଥନ, ଆର୍ଥିକ ସହାୟତା କିମ୍ବା ଏନ୍.ଏ.ର ନାମ ଯୋଡ଼ିବା ଉଚିତ୍ ନୁହେଁ, ହୁଏତ ଆର୍ଥିକ ସମସ୍ୟା, ସମ୍ପତ୍ତି କିମ୍ବା ସମ୍ମାନର ମୋହ ଆମକୁ ଆମର ପ୍ରାଥମିକ ଉଦ୍ଦେଶ୍ୟଠାରୁ ଦୂରେଇଦେବ ।

୭. ପ୍ରତ୍ୟେକ ଏନ୍.ଏ. ଗୋଷ୍ଠୀ ବାହ୍ୟ ସାହାଯ୍ୟ ଗ୍ରହଣ ନକରି, ସମ୍ପୂର୍ଣ୍ଣଭାବେ ସ୍ୱାବଲମ୍ବୀ ହେବା ଦରକାର ।

୮. ନାର୍କୋଟିକ୍ସ ଆନୋନିମସ ସବୁବେଳେ ପେସାଦାର ନ ହୋଇ ରହିବା ଦରକାର, କିନ୍ତୁ ଆମର ସେବା କେନ୍ଦ୍ରଗୁଡ଼ିକ ସ୍ୱତନ୍ତ୍ର କର୍ମୀ ନିୟୋଜିତ କରିପାରନ୍ତି ।

୯. ଯାହା ବି ହେଉ, ଏନ୍.ଏ. କଦାପି ସଂଗଠିତ ହେବା ଉଚିତ ନୁହେଁ, କିନ୍ତୁ ଆମେ ସେବା ପରିଷଦ ବା ସମିତି ଗଠନ କରିପାରୁ, ଯିଏକି ଯେଉଁମାନଙ୍କୁ ସେବା ଦିଅନ୍ତି ସେମାନଙ୍କ ପ୍ରତି ପ୍ରତ୍ୟକ୍ଷ ଭାବରେ ଦାୟୀ ରହିବେ ।

୧୦. ନାର୍କୋଟିକ୍ସ ଆନୋନିମସର ବାହ୍ୟ ଘଟଣାବଳି ଉପରେ କୌଣସି ମତାମତ ନାହିଁ; ତେଣୁ ଏନ.ଏ. ନାମକୁ ସାର୍ବସାଧାରଣ ବିବାଦ ମଧ୍ୟକୁ କଦାପି ଟାଣିବା ଉଚିତ ନୁହେଁ ।

୧୧. ଆମର ଜନ ସମ୍ପର୍କ ନୀତି ପ୍ରୋତ୍ସାହନ ଅପେକ୍ଷା ଆକର୍ଷଣ ଉପରେ ଆଧାରିତ; ଆମେ ସବୁବେଳେ ଗଣମାଧ୍ୟମ, ରେଡ଼ିଓ ଏବଂ ଚଳଚ୍ଚିତ୍ର ସ୍ତରରେ ଆମର ବ୍ୟକ୍ତିଗତ ପରିଚୟହୀନତା ବଜାୟ ରଖିବା ଦରକାର ।

୧୨. ପରିଚୟହୀନତା ହେଉଛି ଆମର ସମସ୍ତ ପରମ୍ପରାର ଆଧ୍ୟାତ୍ମିକ ମୂଳଦୁଆ, ଏହା ସବୁବେଳେ ବ୍ୟକ୍ତିତ୍ୱ ପୂର୍ବରୁ ସିଦ୍ଧାନ୍ତ ଗୁଡ଼ିକୁ ସ୍ଥାନ ଦେବା ପାଇଁ ଆମକୁ ମନେ ପକାଇଦିଏ ।

AA World Services, Inc.ର ଅନୁମତି ଅନୁଯାୟୀ ସଂଶୋଧନ ପାଇଁ ପୁନଃମୁଦ୍ରିତ ବାରଟି ପର୍ଯ୍ୟାୟ ଓ ବାରିଟି ପରାମ୍ପରା

Copyright © 2016 by
Narcotics Anonymous World Services, Inc.
ସର୍ବସତ୍ତ୍ୱ ଅଧିକୃତ

World Service Office
PO Box 9999
Van Nuys, CA 91409 USA
T 818.773.9999
F 818.700.0700
Website: www.na.org

World Service Office–CANADA
Mississauga, Ontario

World Service Office–EUROPE
Brussels, Belgium
T +32/2/646 6012

World Service Office–IRAN
Tehran, Iran
www.na-iran.org

ଏହା ହେଉଛି ଏନଏ ଫେଲୋସିପ୍‌ର ଅନୁବାଦ- ଅନୁମୋଦିତ ଲେଖା ।

Narcotics Anonymous, , , , ଆଣ୍ଡ The NA Way ହେଉଛି Narcotics Anonymous World Services, Incorporated ର ଏକ ପଞ୍ଜୀକୃତ ଟ୍ରେଡ୍‌ମାର୍କ ।

ISBN 978-1-63380-114-1 Odia 12/16
WSO Catalog Item No. OR-3101

Narcotics Anonymous®

ନାର୍କୋଟିକ୍ସ ଆନୋନିମସ୍

ଆଇପି ସଂଖ୍ୟା 1-OR

# କିଏ, କ'ଣ, କିପରି ଏବଂ କାହିଁକି ?

ଶ୍ୱେତ ପୁସ୍ତିକା *Narcotics Anonymous* ରୁ ପୁନଃମୁଦ୍ରିତ